# Akashvani, Sambalpur

## SAMBALPURI NEWS EVENING BULLETIN

## 1 April 2026-7.02- 7.12 pm.

---

୧- ଦେଶେ ୨ ମାସ୍ ଲାଗି ମହଜୁଦ୍ ଅଛେ ଅଶୋଧିତ ତେଲ୍ ।

୨- ଓଡ଼ିଶା ଆଏଜ୍ ପାଲନ୍ କରୁଛେ ତାର୍ ୯୧ ତମ ପ୍ରତିଷ୍ଠା ଦିବସ୍ ।

- ଓଡ଼ିଆ ଅସ୍ମିତାର୍ ସୁରକ୍ଷା ଲାଗି ସର୍କାର୍ ପ୍ରତିଶ୍ରୁତିବଦ୍ଧ- ରାଜ୍ୟସ୍ତରୀୟ ସମାରୋହଥି କହେଲେ ମୁଖ୍ୟମନ୍ତ୍ରୀ ।

୩- ସେବା ଆଉ ସୁରକ୍ଷା ଓଡ଼ିଶା ପୁଲିସ୍‌ର ମୁଳ ମନ୍ତ୍ର- ୯୧ ତମ ଥାପ୍‌ନା ଦିବସ୍ ଅବ୍‌ସରେ କହେଲେ ପୁଲିସ୍ ମହାନିର୍ଦ୍ଦେଶକ୍ ।

୪- ଦେଶେ ଆଏଜ୍‌ଠାନୁ ମୁଲ୍ ହେଲା ଜନଗଣନା ପ୍ରକ୍ରିୟା ।

ଆଉର୍

୫- ରାଏଜେ ଧାନ୍ ଘିନା ସମିଆକେ ଆଉ ୭ ଦିନ୍ ବଢ଼ାଲେ ସର୍କାର୍ ।

ଗେସ୍ ମୂଲ୍ୟ          ଏନ୍ଏସ୍ଡି

କେନ୍ଦ୍ର ସର୍କାର୍ ଇନ୍ଧନ୍ ମୂଲ୍ୟ ବଢ଼୍ବାର୍ଟା ରୁକ୍ବାର୍କେ ଉତ୍ପାଦ ଶୁଳ୍କ କମ୍ କରିଛନ୍ । ପେଟ୍ରୋଲ୍ ଆଉ ଡିଜେଲ୍ର ଦାମ୍ ସ୍ଥିର୍ ରଖ୍ବାର୍ ଲାଗି ରପ୍ତାନୀ ଶୁଳ୍କ ଲାଗୁ କରାଯାଇଛେ ବଲି ପେଟ୍ରୋଲିୟମ୍ ଆଉ ଗେସ୍ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା କହିଛନ୍ । ନୂଆଦିଲ୍ଲୀ ଠାନେ ହେଇଥିବା ଅନ୍ତଃମନ୍ତ୍ରୀସ୍ତରୀୟ ସାମ୍ବାଦିକ୍ ସମ୍ମିଳନୀକେ ସମ୍ବୋଧିତ୍ କରିକରି ଶ୍ରୀମତୀ ଶର୍ମା କହିଛନ୍, ଦେଶେ ୨ ମାସ୍ ଲାଗି ଅଶୋଧିତ ତେଲ୍ ମହଜୁଦ୍ ଅଛେ । ରିଫାଇନାରୀମାନେ ପୁରା କ୍ଷମତାଥି କାମ୍ କରୁଛନ୍ । ଘରୋଇ ଉପଭୋକ୍ତାମାନ୍କର୍ ଲାଗି ପେଟ୍ରୋଲ୍ ଆଉ ଡିଜେଲ୍ ଦର୍ ନାଇଁ ବଢ଼ାଯାଇ ।

ଓଡ଼ିଶା ଦିବସ-୨୦୨୬          ଆର୍ଏନ୍ୟୁ/ କଟକ୍

ଓଡ଼ିଶା ପ୍ରଦେଶ୍ ଗଠନ୍ ଆଏଜ୍ ୯୧ ବଛ୍‌ରେ ପାହା ଥାପିଛେ । ୧୯୩୬ ମସିହା ଏପ୍ରିଲ୍ ମାସର୍ ଆଝିର୍ ଦିନେ ଓଡ଼ିଶା ଭାଷାଭିତିକ ରାଜ୍ୟ ଭାବେ ଗଠନ୍ କରାଯାଇଥିଲା । ସବୁ ଓଡ଼ିଆ ମାନଙ୍କର ଲାଗି ଆଏଜ୍ ଗର୍ବ ଆଉ ଗୌରବ୍‌ର ଦିନ ଆଏ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁଭେଚ୍ଛା ଜନେଇକରି କହିଛନ୍, ଓଡ଼ିଶାର୍ ସମୃଦ୍ଧ ସାଂସ୍କୃତିକ୍ ଐତିହ୍ୟ, ପ୍ରାଚୀନ୍ ପରମ୍ପରା ଆଉ ଓଡ଼ିଶାବାସୀଙ୍କର୍ ଧୈର୍ଯ୍ୟ ଆଉ ସହନ୍‌ଶୀଳତାର୍ ଆଝିର୍ ଦିନ୍ ପରିଚୟ ଆଏ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଦିବସ ଅବ୍‌ସରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇକରି କହିଛନ୍, ଓଡ଼ିଶା ଏନ୍ତାଗୁଟେ ରାଜ୍ୟ ଯେନ ସାଂସ୍କୃତିକ୍ ଆଉ ଆଧ୍ୟାତ୍ମିକ ମହାନତାର୍ ଗୁଟେ ବର୍‌କସ୍ ଉଦାହରଣ୍ ଦେଇଆସିଛେ । ପ୍ରଧାନ୍‌ମନ୍ତ୍ରୀ ଇ ଅବ୍‌ସରେ ଚିଠି ଜରିଏ ରାଜ୍ୟର୍ ଗୌରବ୍‌ଶାଳୀ ଇତିହାସ୍, ସଂସ୍କୃତି ବାବ୍‌ଦେ ବର୍ଣ୍ଣନା କରିଛନ୍ । ବିକଶିତ୍ ଭାରତ୍ ଲାଗି ବିକଶିତ୍ ଓଡ଼ିଶାର୍ ସହଭାଗୀ ସଂକଳ୍ପ ହାସଲ୍ ଦିଗେ ଆଗ୍‌କେ ବଢ଼୍‌ବାର୍‌କେ କେନ୍ଦ୍ର ସର୍‌କାର୍ ସବୁବେଳେ ଓଡ଼ିଶା ସାଙ୍ଗେ ରହିଛନ୍ ବଲି ପ୍ରଧାନ୍‌ମନ୍ତ୍ରୀ ଚିଠିଥି ଲେଖିଛନ୍ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍, ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ପ୍ରଭାତୀ ପରିଡ଼ା, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ପ୍ରମୁଖ ଓଡ଼ିଶା ଦିବସ୍‌ର ଶୁଭେଚ୍ଛା ଜଣେଇଛନ୍ ।

ଓଡ଼ିଶା ଦିବସ-ମୁଖ୍ୟମନ୍ତ୍ରୀ ପୁରୀ ସମ୍ବାଦଦାତା

ରାଜ୍ୟସ୍ତରୀୟ ଓଡ଼ିଶା ଦିବସ୍ ସମାରୋହ ଆଏଜ୍ ପୁରୀ ଜିଲ୍ଲା ସତ୍ୟବାଦୀ ଠାନେ ହେଇଯାଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସମାରୋହଥି ଯୋଗ୍ ଦେଇକରି ଓଡ଼ିଶାର୍ ବରପୁତ୍ରମାନ୍‌କୁ ଶ୍ରଦ୍ଧାଞ୍ଜଳି ଜଣେଇଛନ୍ । ଓଡ଼ିଆ ଅସ୍ମିତାର୍ ସୁରକ୍ଷା ଲାଗି ସର୍‌କାର୍ ପ୍ରତିଶ୍ରୁତିବଦ୍ଧ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର- ମୁଖ୍ୟମନ୍ତ୍ରୀ)

ମୁଖ୍ୟମନ୍ତ୍ରୀ ଇ ଅବ୍‌ସରେ ସତ୍ୟବାଦୀ ଲାଗି ୫ ଶହ ୮୫ କୋଟି ଟଙ୍କାର୍ ପ୍ରକଳ୍ପ ଘୋଷ୍‌ନା କରିଛନ୍ । ବକୁଳ ବନର ପୁନରୁଦ୍ଧାର୍ ଆର୍ ବିକାଶ୍ ଲାଗି ୯୦ କୋଟି ଟଙ୍କା ଖର୍ଚ୍ଚା କରାଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ୪ ଶହ ୯୫ କୋଟି ଟଙ୍କାଥି ସତ୍ୟବାଦୀ ଅଂଚଲ୍‌ର ପୁର୍ନବିକାଶ୍ କରାଯିବାର୍ ସହେତେ ପୁରୀ ନ ବିଶ୍ୱ

ପର୍ଯ୍ୟଟନ୍ କେନ୍ଦ୍ର, କ୍ରୁଜ୍ ଟର୍ମିନାଲ୍ ଆଉ ହେରିଟେଜ୍ କରିଡ଼ର୍ ତିଆର୍ କରାଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଓଡ଼ିଶା ଦିବସ୍-ଜିଲ୍ଲା

ସମ୍ବଲପୁର/ବୌଦ୍ଧ/ସୁବର୍ଣ୍ଣପୁର/ନୂଆପଡ଼ା/ଦେବ୍‌ଗଡ଼୍

ଓଡ଼ିଶା ଦିବସ୍ ଅବ୍‌ସରେ ସାରା ରାଏଜେ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଇଛେ ।

ସମ୍ବଲ୍‌ପୁର୍ ଜିଲ୍ଲା ପ୍ରଶାସନ୍ ଆଉ ସୂଚନା ଆଉ ଲୋକସମ୍ପର୍କ ବିଭାଗ୍ ତର୍‌ଫୁ ତପସ୍ୱିନୀ ପ୍ରେକ୍ଷାଳୟ ନ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ୍ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ସ୍ୱତନ୍ତ୍ର ଓଡ଼ିଶା ଗଠନ୍‌ଥି ଖାସ୍ ଭୂମିକା ନେଇଥିବା ବରପୁତ୍ର ମାନ୍‌କୁ ସୁର୍‌ତା କରିଥିଲେ ।

ବୌଦ୍ଧ ଜିଲ୍ଲା ଟାଉନ୍‌ହଲ୍ ଠାନେ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ୍ ପାଲିତ୍ ହେଇଯାଇଛେ । ଜିଲ୍ଲାପାଲ୍ ବିଭୂତିଭୂଷଣ୍ ନାୟକ୍

ମୁଖ୍ୟଅତିଥି ଭାବେ ଯୋଗ୍‌ଦେଇକରି ସହର୍ ନ ଥିବା ମହାପୁରୁଷ ମାନ୍‌କର୍ ପ୍ରତିମୂର୍ତିଥି ମାଲ୍ୟାର୍ପଣ୍ କରିଥିଲେ ।

ସୁବର୍ଣ୍ଣପୁର୍ ଟାଉନ୍ ହଲ୍ ଠାନେ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ୍ ଆଉ ୩୩ ତମ ସୁବର୍ଣ୍ଣପୁର୍ ଜିଲ୍ଲା ପ୍ରତିଷ୍ଠା ଦିବସ୍ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ନୃପରାଜ୍ ସାହୁ ମୁଖ୍ୟଅତିଥି ଭାବେ ଯୋଗ୍‌ଦେଇକରି ଜିଲ୍ଲାର୍ ବିକାଶ୍ ବାବ୍‌ଦେ ଆଲୋକପାତ୍ କରିଥିଲେ ।

ନୂଆପଡ଼ା ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଓଡ଼ିଶା ଦିବସ୍ ଆଉ ୩୪ ନମ୍ବର୍ ନୂଆପଡ଼ା ଜିଲ୍ଲା ଥାପ୍‌ନା ଦିବସ୍ ପାଲିତ୍ ହେଇଯାଇଛେ । ଇ ଅବ୍‌ସରେ ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ଯୋଗ୍ ଦେଇକରି ଓଡ଼ିଶାର୍ ବରପୁତ୍ର ମାନ୍‌କର୍ ଅବଦାନ୍‌କେ ସୁର୍‌ତା କରିଥିଲେ ।

ଦେବ୍‌ଗଡ଼୍ ଜିଲ୍ଲା ନ ହେଇଥିବା କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ କବୀନ୍ଦ୍ର ସାହୁ ମୁଖ୍ୟଅତିଥି ଭାବେ ଯୋଗ୍‌ଦେଇକରି ଇ ଅବ୍‌ସରେ ହେଇଥିବା ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ଆଉ ଭିନ୍ ଭିନ୍ ପ୍ରତିଯୋଗିତାର୍ କୃତି ଛାତ୍ରଛାତ୍ରୀମାନ୍‌କୁ ପୁରସ୍କୃତ୍ କରିଥିଲେ ।

ଭିସା ଆବେଦନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ବର୍‌ମୁଣ୍ଡା ଠାନେ ଭିସା ଆବେଦନ୍ କେନ୍ଦ୍ରକେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଉଦ୍‌ଘାଟନ୍ କରିଛନ୍ । ବ୍ରିଟେନ୍, ଅଷ୍ଟ୍ରିଆ, ସୁଇଜରଲାଣ୍ଡ୍ ଲାଗି ୭ ତାରିଖ୍ ଆବେଦନ୍ ମୁଲ୍ ହେବା । ଆୟରଲ୍ୟାଣ୍ଡ, ଇଟାଲି, ଜାପାନ୍, ଇଷ୍ଟୋନିଆ ଲାଗି ୧୦ ତାରିଖ୍ ଆଉ ଇଜିପ୍ଟ, ମରକ୍କୋ ଲାଗି ୧୭ ତାରିଖ୍ ଆଉ ଅଲ୍‌ଗା ଦେଶ୍‌ମାନ୍‌କର୍ ଲାଗି ଆଏବା ମାସୁ ଭିସା ଲାଗି ଆବେଦନ୍ କରାଯାଇପାର୍‌ବା । ସାଧାରଣ୍ ଲୋକ୍‌ମାନ୍‌କୁ ଅଲ୍‌ଗା ସଂସ୍ଥା ଉପ୍‌ରେ ଆଉ ନିର୍ଭର୍ କର୍‌ବାର୍‌କେ ନାଇଁ ପଡ଼େ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଆୟକର ଆଇନ୍ ଏନ୍‌ଏସ୍‌ଡି

ନୂଆଁ ଆୟକର୍ ଆଇନ୍ -୨୦୨୫ ଆଏଜ୍‌ଠାନୁ କାର୍ଯ୍ୟକାରୀ ହେଇଛେ । ନୂଆଁ ଆର୍ଥିକ୍ ବଛର୍ ମୁଲ୍ ହେବାର୍ ସହେତେ ଆର୍ଥିକ୍ ନିୟମ୍ ପରିବର୍ତନ୍ ଲାଗି ଭାରତୀୟ ରିଜର୍ଭ ବେଙ୍କ୍ ତର୍‌ଫୁ କେତେଟା ସଂସ୍କାର୍‌ମୂଲକ୍ ପଦକ୍ଷେପ୍ ନିଆଯାଇଛେ ।

ଦେଶେ ସବୁ ଡିଜିଟାଲ୍ ପେମେଂଟ୍ ଲେନ୍‌ଦେନ୍‌କେ ୨ ଟା ଖେପ୍ ପ୍ରମାଣିକରଣ୍ କାର୍ଯ୍ୟକାରୀ କରାଯିବା । ନୂଆଁ ଆଇନ୍‌ଥି ଟିକସ୍ ଗଣନା ଆଉ ଆଇଟିଆର୍ ଫାଇଲ୍ କର୍‌ବାର୍ ଲାଗି ବେଭାର୍‌କାରୀଙ୍କର୍ ଫର୍ମ-୧୬ ଆଉ କାର୍ଯ୍ୟକାରୀ ନାଇଁହୁଏ । ଇତାର୍ ବଦ୍‌ଲେ ନୂଆଁ ଫର୍ମ ୧୩୦ ଲାଗୁ କରାଯାଇଛେ । ଟିକସ୍ ବ୍ୟବସ୍ଥାକେ ଅଏତ୍‌କା ଫଟିକ୍ ଡିଜିଟାଲ୍ ଆଉ ସରଲ୍ କର୍‌ବାର୍ ଲାଗି ସର୍‌କାର୍‌ଙ୍କର୍ ତର୍‌ଫୁ ଇ ପଦକ୍ଷେପ୍ ନିଆଯାଇଛେ ।

ପୁଲିସ୍ ପ୍ରତିଷ୍ଠା ଦିବସ୍ ଆଇ.ଆଣ୍ଡ୍.ପି.ଆର୍

ଓଡ଼ିଶା ପୁଲିସ୍ ଆଏଜ୍ ତାର୍ ୯୧ ତମ ଥାପ୍‌ନା ଦିବସ୍ ପାଲନ୍ କରୁଛେ । ରାଜ୍ୟକେ ସୁରକ୍ଷିତ୍ ଶାନ୍ତିପୂର୍ଣ୍ଣ ଆଉ ନିଶାମୁକ୍ତ ଭାବେ ଗଢ଼୍‌ବାର୍ ଲାଗି ଓଡ଼ିଶା ପୁଲିସ୍ ସଂକଳ୍ପବଦ୍ଧ ଆଏ ବଲି ପୁଲିସ୍ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆ କହିଛନ୍ । କଟକ୍‌ର ବକ୍ସିବଜାର୍ ରିଜର୍ଭ ପୁଲିସ୍ ପଡ଼ିଆ ନ ହେଇଥିବା ଓଡ଼ିଶା ପୁଲିସ୍‌ର ଥାପ୍‌ନା ଦିବସ୍‌ଥି ଯୋଗ୍ ଦେଇକରି ଶ୍ରୀ ଖୁରାନିଆ

କହିଛନ୍, ଓଡ଼ିଶା ପୁଲିସ୍‌ର ମୂଳମନ୍ତ୍ର ହେଉଛେ ସେବା ଆଉ ସୁରକ୍ଷା । ମାଓବାଦୀ ଦମନ୍ କ୍ଷେତ୍ରଥି ରାଜ୍ୟ ପୁଲିସ୍‌ର ଭୂମିକା ବାବ୍‌ଦେ ଶ୍ରୀ ଖୁରାନିଆ କହିଛନ୍, ଏବ୍‌ତକ୍ ୨୭ ଝନ୍ ମାଓବାଦୀଙ୍କୁ ନିହତ୍ କରାଯାଇଛେ । ଇତାର୍‌ସହେତେ ୭୨ ଝନ୍ ମାଓବାଦୀ ସମାଜ୍‌ର ମୁଖ୍ୟସ୍ରୋତଥି ସାମିଲ୍ ହେଇଛନ୍ । ପୁଲିସ୍ ବାହିନୀକେ ସଶକ୍ତ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ନୂଆଁ ପଦ୍‌ବୀ ସୃଷ୍ଟି, ନିଯୁକ୍ତି ପ୍ରକ୍ରିୟାକେ ତୁର୍‌ତି କର୍‌ବାର୍ ସହେତେ ଭିନ୍ ଭିନ୍ ବାଟାଲିୟନ୍ ଆଉ ୟୁନିଟ୍ ଗଠନ୍ କରୁଛନ୍ ବଲି ଶ୍ରୀ ଖୁରାନିଆ କହିଛନ୍ ।

(ଭଏସ୍ ଓଭର୍- ୱାଇ.ବି ଖୁରାନିଆ)

ଇ ଅବ୍‌ସରେ ପୁଲିସ୍ ସେବାଥି ଉଲ୍ଲେଖନୀୟ ଅବଦାନ୍ ଲାଗି ଅଧିକାରୀ ଆଉ କର୍ମଚାରୀମାନ୍‌କୁ ପୁରସ୍କୃତ୍ କରାଯାଇଥିଲା । ଭୁବ୍‌ନେଶ୍ୱର୍ ପୁଲିସ୍ ଭବନ୍ ଠାନେ ଆୟୋଜିତ କାର୍ଯ୍ୟକ୍ରମ୍‌ଥି ପୁଲିସ୍ କମିଶନର୍ ଏସ୍. ଦେବଦତ ସିଂ ଯୋଗ୍ ଦେଇଛନ୍ ।

ଇ ଅବ୍‌ସରେ ଆରକ୍ଷୀ ମହାନିର୍ଦ୍ଦେଶକ୍ ପଦକ୍ ପ୍ରଦାନ୍ ସମାରୋହ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ୭୮ ଝନ୍ ପୁଲିସ୍ ଅଧିକାରୀ

ଆଉ କର୍ମଚାରୀଙ୍କୁ ଆରକ୍ଷୀ ମହାନିର୍ଦ୍ଦେଶକ୍ ଶ୍ରୀ ଖୁରାନିଆ ପଦକ୍ ପ୍ରଦାନ୍ କରିଛନ୍ ।

ବୌଦ୍ଧ ଜିଲ୍ଲା ପୁଲିସ୍ ଆଉ ୫ ନମ୍ବର୍ ଆଇଆର୍ବି ବାଟାଲିୟନ୍ ତର୍ଫୁ ପୁଲିସ୍ ପ୍ରତିଷ୍ଠା ଦିବସ୍ ପାଳନ୍ କରାଯାଇଛେ । କାର୍ଯ୍ୟକ୍ରମ୍‌ଥି ଆରକ୍ଷୀ ଅଧିକ୍ଷକ୍ ରାହୁଲ୍ ଗୋୟଲ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ସମ୍ମିଳିତ୍ ପେରେଡ୍‌ର ଅଭିବାଦନ୍ ଗ୍ରହଣ୍ କରିଛନ୍ ।

ଜନଗଣନା ଆର୍‌ଏନ୍‌ୟୁ/
ସମ୍ବଲପୁର/କଲାହାଣ୍ଡି/ନୂଆପଡ଼ା

ଦେଶେ ଆଏଜ୍‌ଠାନୁ ଜନଗଣନା ମୁଲ୍ ହେଇଛେ । ଜନସଂଖ୍ୟା ଗୃହ ଆଉ ସାମାଜିକ ଆର୍ ଅର୍ଥନୈତିକ୍ ସୂଚକାଙ୍କ ଉପ୍‌ରେ ଜନଗଣନାଥି ବଡ଼ ଧରଣ୍‌ର ତଥ୍ୟ ଠୋଲ୍ କରାଯିବା । ୧୫ ଦିନ୍ ଧରିକରି ସ୍ୱଗଣନା କରାଯିବା । ଝନେ ନାଗରିକ୍

se.census.gov.in ପୋର୍ଟାଲ୍ କି ମୋବାଇଲ୍ ଆପ୍ ଜରିଏ ୩୩ ଟା ପ୍ରଶ୍ନର୍ ଉତର୍ ଦେଇକରି ନିଜର୍ ତଥ୍ୟ ଦେଇପାର୍‌ବେ । ଜନଗଣନା କାର୍ଯ୍ୟାଳୟ ତର୍‌ଫୁ ପହେଲାଥର୍ ଲାଗି ଦେଶେ ଡିଜିଟାଲ୍ ଜନଗଣନା ମୁଲ୍ ହେଇଛେ । ଇତାର୍‌ଉତ୍‌ରୁ ଆଏବା ୧୬ ତାରିଖ୍‌ନୁ ମେ ମାସର୍ ୧୫ ତାରିଖ୍‌ତକ୍ ଜନଗଣନାକାରୀମାନେ ଘର୍ ଘର୍ ଯାଇକରି ତଥ୍ୟ ସଂଗ୍ରହ କର୍‌ବେ ।

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ନ ଜନଗଣନାର୍ ସ୍ୱ-ଜନଗଣନା ଖେପ୍‌କେ ଜିଲ୍ଲାପାଲ୍ ପାଓ୍ୱାର୍ ସଚିନ୍ ପ୍ରକାଶ୍ ଶୁଭାରମ୍ଭ କରିକରି ଜନସାଧାରଣ୍ ଇ କାର୍ଯ୍ୟକ୍ରମ୍‌ଥି ସହଯୋଗ୍ କର୍‌ବାର୍‌କେ ଅନୁରୋଧ୍ କରିଛନ୍ । ନୂଆପଡ଼ା ଜିଲ୍ଲା ନ ଆଏଜ୍‌ଠାନୁ ପହେଲା ଖେପ୍ ଜନଗଣନା କାମ୍ ମୁଲ୍ ହେଇଛେ ।

ଧାନ୍ ଘିନା ଆଇ.ଆଣ୍ଡ୍.ପି.ଆର୍

ରାଏଜେ ଖରିଫ୍ ଧାନ୍ ଘିନା ସମିଆକେ ସର୍‌କାର୍ ଆଉ ୭ ଦିନ୍ ବଢ଼େଇଛନ୍ । ଟୋକନ୍ ପାଇଥିବା ସବୁ ଚାଷୀମାନ୍‌କର୍ ଠାନୁ

ଅଗ୍ରାଧିକାର୍ ଭିତିଥି ଧାନ୍ ଘିନାଯିବା ବଲି ଖାଦ୍ୟଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ଝନେ ଭିଲ୍ ଚାଷୀଙ୍କର୍ ଟୋକନ୍ ଯେନ୍ତା ଲେପ୍ସ ନାଇଁ ହେବା ସେଥିର୍‌ଲାଗି ସର୍‌କାର୍ ଗୁରୁତ୍ୱ ଦଉଛନ୍ । ଚଲ୍‌ତି ଖରିଫ୍ ଋତୁଥି ୭୭ ଲାଖ୍ ମେଟ୍ରିକ୍‌ଟନ୍ ଧାନ୍‌ଘିନା ସରିଛେ । ଇ ସମିଆ ଭିତ୍‌ରେ ୧୮ ଲାକ୍ ୬୪ ହଜାର୍ ଚାଷୀ ଧାନ୍ ବିକିଛନ୍ । ଚାଷୀମାନ୍‌କର୍ ଖାତାକେ ୨୨ ହଜାର୍ ୮ ଶହ ୮୪ କୋଟି ଟଙ୍କା ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର୍ ଜରିଏ ପଠାଯାଇଛେ ବଲି ମନ୍ତ୍ରୀ ଶ୍ରୀପାତ୍ର କହିଛନ୍ ।
(ଭଏସ୍ ଓଭର୍- କୃଷ୍ଣଚନ୍ଦ୍ର ପାତ୍ର)

ଆକାଶବାଣୀ ଅଧିକାରୀ ଅବସର          ଆର୍‌ଏନ୍‌ୟୁ/ ସମ୍ବଲପୁର

ଆକାଶବାଣୀ, ସମ୍ବଲପୁର କେନ୍ଦ୍ରର ବରିଷ୍ଠ ଟେକ୍ନିସିଆନ୍ ଅର୍ଜୁନ୍ ଭୋଇ ଆଏଜ୍ ଚାକିରୀ ନୁ ଅବସର ନେଇଛନ୍ । ଶ୍ରୀ ଭୋଇ ୨୮ ଜୁନ୍ ୧୯୮୯ ଆକାଶ୍‌ବାଣୀ ସମ୍ବଲ୍‌ପୁର୍ କେନ୍ଦ୍ରନୁ ଚାକିରୀ ଜୀବନ୍ ମୁଲ୍ କରିକରି ଆକାଶ୍‌ବାଣୀ କଟକ୍, ଏଲ୍‌ପିଟି କୁଚିଣ୍ଡା ଆଉ ବର୍‌ଗଡ୍ ସହେତେ ଦୂରଦର୍ଶନ୍ କେନ୍ଦ୍ର ସମ୍ବଲ୍‌ପୁର୍

ନ କାର୍ଯ୍ୟ କରିଥିଲେ । ଆଏଜ୍ ଆକାଶବାଣୀ ରିକ୍ରିଏସନ୍ କ୍ଲବ୍ ତରଫ୍ରୁ ସମ୍ବଲପୁର୍ କେନ୍ଦ୍ର ନ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା । କେନ୍ଦ୍ରର୍ ସହାୟକ ନିର୍ଦ୍ଦେଶକ୍ ମନୀଷ ଭଟ୍ଟାଚାର୍ଯ୍ୟୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ସଭାକେ ରିକ୍ରିଏସନ୍ କ୍ଲବ୍ର ସମ୍ପାଦକ କ୍ଷେତ୍ରମଣି ବିଭାର୍ ପରିଚାଳନା କରିଥିଲେ ।